# ସମତା ଓ ସମ୍ମାନବୋଧ

୦୪/୦୯/୧୯୮୮

ସରକାରୀ ଏବଂ ସମ୍ପୂର୍ଣ୍ଣ ସରକାରୀ ସାହାଯ୍ୟପ୍ରାପ୍ତ କଲେଜର ଅଧ୍ୟାପକ ଏବଂ ଅଧ୍ୟାପିକାମାନେ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ଦରମାହାର ଦାବୀକରି ଆସନ୍ତା କାଲିଠାରୁ ଆନ୍ଦୋଳନ କରିବା ପାଇଁ ଘୋଷଣା କରିଛନ୍ତି । ଶିକ୍ଷକମାନଙ୍କର ଆନ୍ଦୋଳନ ପରେପରେ ଅଧ୍ୟାପକମାନଙ୍କର ଏପ୍ରକାର ନିଷ୍ପତ୍ତି ଆମର ଶିକ୍ଷା ବ୍ୟବସ୍ଥାକୁ ଯେ ବିପର୍ଯ୍ୟସ୍ତ କରିଦେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମୂହିକ ଦାବୀ ହାସଲ ପାଇଁ ଆନ୍ଦୋଳନ ଧମକ ଏକ ସାଧାରଣ ପ୍ରକ୍ରିୟା ହୋଇଥିଲେ ହେଁ କେଜାଣି କାହିଁକି ଶିକ୍ଷକ ଏବଂ ଅଧ୍ୟାପକମାନଙ୍କର ଆନ୍ଦୋଳନ କଥା ଚିନ୍ତା କଲାବେଳେ ଟିକିଏ ଅଡୁଆ ଲାଗୁଛି ।

ସରକାର ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ଦରମାହାର ବଦଳରେ କେଉଁ ହାରରେ ଦରମା ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି ସେ ବିଷୟରେ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରିନାହାନ୍ତି । କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ କେବଳ ଏତିକି କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମାନଙ୍କୁ ମଞ୍ଜୁରି କମିଶନଙ୍କର ସୁପାରିଶ ଅନୁସାରେ ଦରମା ଦିଆଯିବା ସଙ୍ଗେସଙ୍ଗେ ସରକାରୀ କଲେଜ, ମେଡିକାଲ କଲେଜ ଏବଂ ସମ୍ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ ସରକାରୀ କଲେଜର ଅଧ୍ୟାପକମାନଙ୍କୁ ଏକ ସଂଶୋଧିତ ହାରରେ ଦରମା ଦିଆଯିବ ।

ଏ ପ୍ରକାର ସଂଶୋଧନ ଏକ ଉଚ୍ଚସ୍ତରୀୟ କମିଟୀର ସୁପାରିଶ କ୍ରମେ ସବୁ କର୍ମଚାରୀମାନଙ୍କ ମଧ୍ୟରେ ସମତା ରକ୍ଷା କରିବା ପାଇଁ କରାଯାଇଛି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଅପରପକ୍ଷରେ ଅଧ୍ୟାପକମାନେ ଭିତିରି ସୂତ୍ରରୁ ଜାଣିବାକୁ ପାଇଛନ୍ତି ଯେ, ସରକାରଙ୍କର ଏ ସୁପାରିଶ ମଞ୍ଜୁରି କମିଶନର ହାରଠାରୁ ବହୁଗୁଣରେ କମ୍ । ତେଣୁ ଏହାକୁ ଗ୍ରହଣ କରିବା ଆଦୌ ସମ୍ମାନବୋଧର ପରିଚୟ ଦେବନାହିଁ ।

ସମତା ଏକ ସଭ୍ୟ, ଗଣତାନ୍ତ୍ରିକ ସମାଜବାଦୀ ସମାଜ ପାଇଁ ଉଚ୍ଚ ଆଦର୍ଶ ଏବଂ ମୂଲ୍ୟବୋଧର ପରିଚୟ ଦିଏ । କିନ୍ତୁ ମୂଳପ୍ରଶ୍ନ ହେଲା ସମତା କେଉଁମାନଙ୍କ ମଧ୍ୟରେ ଓ କାହାପାଇଁ ? ଅତୀତରେ ସରକାର ମଞ୍ଜୁରି କମିଶନର ସୁପାରିଶକୁ ଗ୍ରହଣ କରିଥିଲେ ଏବଂ ସରକାରୀ କଲେଜର ଅଧ୍ୟାପକମାନଙ୍କୁ ସ୍ଥଳ ବିଶେଷରେ ନିର୍ଦ୍ଦିଷ୍ଟ ସର୍ତ୍ତ ସହିତ ଦରମା ଦେଇ ଆସୁଥିଲେ । ଏହା ବିଶ୍ୱବିଦ୍ୟାଳୟ ଓ ସରକାରୀ କଲେଜ ନିର୍ବିଶେଷରେ ସମସ୍ତଙ୍କ ପାଇଁ ପ୍ରଯୋଜ୍ୟ ଥିଲା । ଏବେ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ମାନଙ୍କୁ ଏ ପ୍ରକାର ସୁବିଧା ଦେଇ ଅନ୍ୟମାନଙ୍କୁ ସେଥିରୁ ବଞ୍ଚିତ କରିବା ଦ୍ୱାରା ସରକାର ଅଧ୍ୟାପନା ବୃତ୍ତିରେ ସମତାର ଉଲ୍ଲଂଘନ କରୁଛନ୍ତି ବୋଲି କୁହାଯାଇପାରେ । ଅବଶ୍ୟ ଯୁକ୍ତି କରାଯାଇପାରେ, ଯେ ସରକାରୀ ଅଧ୍ୟାପକମାନଙ୍କୁ ଅଧ୍ୟାପକ ଭାବେ ବିଚାର ନକରି କେବଳ ସରକାରୀ କର୍ମଚାରୀ ଭାବେ ବିଚାରକୁ ନିଆଯାଇ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ସହିତ ସମତା ରକ୍ଷାକରି ସଂଶୋଧିତ ଦରମା ହାରଟି ନିର୍ଣ୍ଣୟ କରାଯାଇଛି । କିନ୍ତୁ ଟିକିଏ ଗଭୀରତାର ସହ ଚିନ୍ତା କଲେ ଏହା ଯେ ସମତା ରକ୍ଷା କରୁନାହିଁ, ତାହା ଯେକେହି ହେଲେ ସ୍ପଷ୍ଟଭାବେ ଅନୁଭବ

[illegible]

**ସୌମ୍ୟରଞ୍ଜନ ପଟ୍ଟନାୟକ**

କରିପାରିବେ । ଅନ୍ୟ ସରକାରୀ କର୍ମଚାରୀମାନଙ୍କ ସଂଶୋଧିତ ଦରମାହାର ପାଇଁ ଯେତେବେଳେ କମିଶନ ବସିଥିଲା, ସେତେବେଳେ ଜାଣିଶୁଣି ସରକାର ଅଧ୍ୟାପକ ମାନଙ୍କ ଦରମା ପ୍ରଶ୍ନକୁ ଏହି କମିଶନର ପରିସର ବାହାରେ ରଖିଥିଲେ । ବୋଧହୁଏ ଏଇ ନ୍ୟାୟ ଏବଂ ଆଶାରେ ଯେ ସେମାନଙ୍କୁ ୟୁ.ଜି.ସି.ର ସୁପାରିଶ ଅନୁସାରେ ଦରମା ଦିଆଯିବ । ଖୋଦ୍ ଶିକ୍ଷାମନ୍ତ୍ରୀ ଏବଂ ଶିକ୍ଷାସଚିବ ବହୁବାର ଏ ସମ୍ପର୍କୀୟ ପ୍ରତିଶ୍ରୁତି ଅଧ୍ୟାପକମାନଙ୍କୁ ଦେଇ ଆସିଛନ୍ତି । ଏ ପରିସ୍ଥିତିରେ ହଠାତ୍ ଯେତେବେଳେ ଅପ୍ରତ୍ୟାଶିତ ଭାବେ ଏକ ନିମ୍ନହାରର ଦରମା ବ୍ୟବସ୍ଥାକୁ ଗ୍ରହଣ କରିବା ପାଇଁ ଅଧ୍ୟାପକମାନଙ୍କୁ କୁହାଯାଉଛି, ସେତେବେଳେ ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ ପାଇବା ସ୍ୱାଭାବିକ ।

ନ୍ୟାୟର ଅନ୍ୟ ଏକ ମୌଳିକ ତଥ୍ୟ ହେଲା ଯେଉଁ ସୁବିଧା ଥରେ ଦିଆଯାଇ ଥାଏ, ତାହା ସାଧାରଣତଃ ଫେରାଇ ନିଆଯାଏ ନାହିଁ । ଅତୀତରେ ଯେତେବେଳେ ଅଧ୍ୟାପକମାନଙ୍କ ପାଇଁ ୟୁ.ଜି.ସି. ଦ୍ୱାରା ଏକ ବେତନ ହାର ସୁପାରିଶ କରାଯାଇଥିଲା, ସେତେବେଳେ ଅନ୍ୟମାନଙ୍କ ସହ ସମତା ଅପେକ୍ଷା ସମ୍ମାନବୋଧକୁ ଅଗ୍ରାଧିକାର ଦିଆଯାଇଥିଲା । ଅଧ୍ୟାପନା ବୃତ୍ତିକୁ ପରିବର୍ତ୍ତିତ ପରିସ୍ଥିତିରେ ଅଧିକ ମେଧାବୀ ଏବଂ ଅଧ୍ୟବସାୟୀ ଯୁବକମାନଙ୍କୁ ଆକୃଷ୍ଟ କରିବାପାଇଁ ଏପରି ନିଷ୍ପତ୍ତି ନିଆଯାଇଥିଲା । ବର୍ତ୍ତମାନ ହୁଏତ ସରକାର ଯୁକ୍ତି ବାଢ଼ିପାରନ୍ତି ଯେ, ଗତ ୧୦ ବର୍ଷ ଭିତରେ ଉଚ୍ଚଶିକ୍ଷାର ବହୁଳ ପ୍ରସାର ପରିପ୍ରେକ୍ଷୀରେ ଅଧ୍ୟାପକ ବୃତ୍ତିରେ ପରିମାଣାତ୍ମକ ଅଭିବୃଦ୍ଧି ଘଟିଥିଲେ ମଧ୍ୟ ପୂର୍ବାନୁମିତ ଗୁଣାତ୍ମକ ବିକାଶ ଘଟିନାହିଁ । କିନ୍ତୁ ଏ ପ୍ରକାର ଅବକ୍ଷୟକୁ ରୋକିବାପାଇଁ ସରକାର ଅସଫଳ ଏବଂ ଅସହାୟ ହୋଇପଡ଼ିଛନ୍ତି ବୋଲି ଯେ ଏକ ସଂଶୋଧିତ ଦରମାହାର ଲାଗୁହେବ ତାହା ଆଦୌ ଗ୍ରହଣଯୋଗ୍ୟ ହେଉନାହିଁ । ୟୁ.ଜି.ସି. ଦରମାହାରକୁ ଗ୍ରହଣକରି ଏପ୍ରକାର ଅବକ୍ଷୟକୁ ରୋକିବାପାଇଁ ସରକାର ଯେ କୌଣସି ସର୍ତ୍ତ ରଖିପାରିଥାନ୍ତେ ଏବଂ ମେଧାବୀ ଓ ଅଧ୍ୟବସାୟୀ ଅଧ୍ୟାପକମାନଙ୍କର ସମ୍ମାନବୋଧକୁ ସ୍ୱୀକୃତି ଦେଇପାରିଥାନ୍ତେ ।

ଅଧ୍ୟାପକ ଅଧ୍ୟାପିକାମାନେ ନିଜର ସମ୍ମାନବୋଧ ପାଇଁ ସଂଗଠିତ ହେବା ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଇତିହାସରେ ନିଶ୍ଚୟ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିବ । ତେବେ ଏ ସମ୍ମାନବୋଧ ସଚେତନତା ଦରମାହାର ପ୍ରସଙ୍ଗରେ ସୀମିତ ରହିଲେ ସବୁଠାରୁ ଦୁର୍ଭାଗ୍ୟଜନକ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ବୃତ୍ତି ଏବଂ ସାମାଜିକ ସ୍ଥିତି ଦୃଷ୍ଟିରୁ ଆଦୌ ଶୋଭନୀୟ ହେବ ନାହିଁ । କାରଣ ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସମ୍ମାନବୋଧର ସଙ୍କଟ ଯେ କେବଳ ଦରମାକୁ ନେଇ ସୃଷ୍ଟି ହୋଇଛି ସେ କଥା ଆମେ ବିଶ୍ୱାସ କରୁନାହୁଁ । ଅଧ୍ୟାପକମାନଙ୍କର ନିଯୁକ୍ତି ଓ ପଦୋନ୍ନତି, ଶିକ୍ଷାୟତନର ପରିବେଶ ଓ ଶିକ୍ଷାଦାନର ବ୍ୟବସ୍ଥା ପରୀକ୍ଷା ପ୍ରଣାଳୀ ଏବଂ ଆଉ ସବୁକିଛି ଆଜି ଯେପରି ଭାବରେ ବିଶୃଙ୍ଖଳିତ ହୋଇପଡ଼ିଛି ତାହା ଆମ ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅସ୍ଥାୟୀ ଅଧ୍ୟାପକମାନଙ୍କର ସ୍ଥାୟୀ କରଣ ନେଇ କୌଣସି ଗ୍ରହଣଯୋଗ୍ୟ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ । ବର୍ତ୍ତମାନ ଠିକା ଅଧ୍ୟାପକମାନଙ୍କ କଥା ଚିନ୍ତା କରାଗଲାଣି । ଠିକାଦାରୀ ଅଧ୍ୟାପନା କେଉଁ ସମ୍ମାନବୋଧର ପରିଚୟ ଦେବ ? ଉଚ୍ଚଶିକ୍ଷା ବିଭାଗରେ ପଦୋନ୍ନତିର ଯେଉଁ ବ୍ୟବସ୍ଥା ଗୁଡ଼ିଏ ଆସିଛି, ତାହା ଏତେ ଅସଙ୍ଗତ, ଅବାନ୍ତର, ଏବଂ ଅବାଞ୍ଛିତ ଯେ ଆମର ସଚେତନ ଅଧ୍ୟାପକମାନେ କିପରି ତାହାକୁ ଏତେ କାଳ ଧରି ବରଦାସ୍ତ କରି ଆସିଛନ୍ତି ତାହାହିଁ ଆଜି ଅଧିକ ଚିନ୍ତାର ବିଷୟ । କେଇଆଣି ଥୋଇ ଜାଣିଲେ ଆମ ଶିକ୍ଷା ବିଭାଗରେ ସମସ୍ତେ ସବୁ କିଛି ହୋଇପାରିବେ । କନିଷ୍ଠତମ ଅଧ୍ୟାପକଟିଏ ପାଠ ଅପେକ୍ଷା ଶାଠରେ ଯଦି ଅଧିକ ପାରଦର୍ଶିତା ଦେଖାଇପାରେ ତା'ହେଲେ ସେ ବିଭାଗୀୟ ମୁଖ୍ୟ ମଧ୍ୟ ହୋଇପାରିବ । ନିଜର ଗୁରୁ ପ୍ରତିମ ଅଧ୍ୟାପକମାନଙ୍କ ଉପରେ ହାକିମୀ କରିପାରିବ । ଶିକ୍ଷାୟତନର ପରିବେଶ ଏବଂ ଭିତ୍ତିଭୂମି ତ ଆମ ସମସ୍ତଙ୍କର ଆଖି ଦେଖା କଥା । ପରୀକ୍ଷା ପ୍ରଣାଳୀ ଏବଂ ମୂଲ୍ୟାୟନ ବ୍ୟବସ୍ଥା ବିଷୟରେ ଯେତେ କମ କୁହାଯିବ ସେତେ ଭଲ । ଖୋଲାବଜାରରୁ ପ୍ରଶ୍ନପତ୍ର କିଣି ଆମ ପିଲାଏ ପରୀକ୍ଷା ଦେବାରେ ଏବେ ଅଭ୍ୟସ୍ତ ହେଲେଣି ତ ଦୁଇହଜାର ଟଙ୍କାରେ ପାସ ସାର୍ଟିଫିକେଟ ବଜାରରେ ବିକ୍ରୀ ହେଲାଣି । ଏହା ଏପରି ଦେହସୁଆ ହେଲାଣି ଯେ ସରକାର ଏ ସମ୍ପର୍କରେ ପ୍ରତିକ୍ରିୟା କିମ୍ବା ସ୍ପଷ୍ଟୀକରଣ ପ୍ରକାଶ କରିବାପାଇଁ ମଧ୍ୟ ଆବଶ୍ୟକ ମନେ କରୁ ନାହାନ୍ତି । ଏପରି ଅବସ୍ଥାରେ ଅଧ୍ୟାପକମାନେ ଆଜି ପର୍ଯ୍ୟନ୍ତ ନୀରବ ରହି ଆସିଛନ୍ତି । କିନ୍ତୁ କାହିଁକି ? ସଙ୍ଗଠନ ଅଭାବରୁ ନା ବଦଳି ଭୟରୁ । ସରକାର ହୁଏତ ଦରମା ସମ୍ବନ୍ଧୀୟ ଦାବୀର ପୁନର୍ବିଚାର କରିପାରନ୍ତି । କିନ୍ତୁ ଦରମା ଦାବୀ ହାସଲ ହେଲାପରେ ଯଦି ଆଜି ପ୍ରକାଶ ପାଇଥିବା ସମ୍ମାନବୋଧର ନୂଆ ସଚେତନତା ଶିକ୍ଷା ବ୍ୟବସ୍ଥାର ଅନ୍ୟ କ୍ଷେତ୍ରରେ ପ୍ରତିଫଳିତ ନ ହୁଏ, ତା ହେଲେ ଆମ ଉଚ୍ଚ ଶିକ୍ଷା ବ୍ୟବସ୍ଥା କଥା ଯେଉଁ ତିମିରେକୁ ସେଇ ତିମିରେ ହିଁ ରହିବ ।